# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 4 June – 2026

*********************************

## ମୁଖ୍ୟ ସମ୍ବାଦ

- ଦୃଢ଼ତାର ସହିତ ଓଡ଼ିଶା ସମସ୍ତ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିଛି; କହିଲେ ମୁଖ୍ୟମନ୍ତ୍ରୀ

– ପୁରୀଠାରେ ବ୍ରିକ୍ସ ରାଷ୍ଟ୍ର ସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକର କଲେ ଆନୁଷ୍ଠାନିକ ଉଦ୍‌ଘାଟନ

- ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ୧୫୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ରାଜ୍ୟ ସରକାର

- ଆଇ.ଜି.ଆଇ.ଟି. ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରଶିକ୍ଷା ମନ୍ତ୍ରୀଙ୍କ ଅନୁରୋଧ

- ବିଶିଷ୍ଟ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସଙ୍କ ୯୧ ବର୍ଷ ବୟସରେ ପରଲୋକ

ଏବଂ

- କେରଳମ୍ ସ୍ପର୍ଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ

Desk

# ବ୍ରିକ୍ସ ସମ୍ମିଳନୀ

ସମସ୍ତ ପ୍ରାକୃତିକ ବିପର୍ଯ୍ୟୟକୁ ଓଡ଼ିଶା ଦୃଢ଼ତାର ସହିତ ମୁକାବିଲା କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ **ପୁରୀ**ରେ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକକୁ ଆଜି ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟରେ ଶୂନ୍ୟ ମୃତାହତ ଲକ୍ଷ୍ୟ ହାସଲ କରି ରାଜ୍ୟ ସମଗ୍ର ବିଶ୍ୱରେ ପ୍ରଶଂସିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୯୯୯ ମହାବାତ୍ୟା କଥା ମନେ ପକାଇଥିଲେ। ବୈଠକରୁ ଉପଯୋଗୀ ନିଷ୍କର୍ଷ ଆଗାମୀ ଦିନରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବ୍ରିକ୍ସ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନୂତନ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିର ଉପଯୋଗରେ ଶୂନ୍ୟ ମୃତାହତ ଲକ୍ଷ୍ୟ ହାସଲ ଦିଗରେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟରୁ ସୃଷ୍ଟ ବିଭିନ୍ନ ପ୍ରତିବନ୍ଧକର ମୁକାବିଲା ପାଇଁ ବିଶ୍ୱସ୍ତରୀୟ ଆନ୍ତଃରାଜ୍ୟ ସହଯୋଗକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ବିପର୍ଯ୍ୟୟ ବିପଦ ହ୍ରାସ ଏକ ସ୍ଥାୟୀ ଉନ୍ନତି, ଆର୍ଥିକ ସ୍ଥିରତା ଓ ମାନବ ସୁରକ୍ଷାର ଆଧାର ପାଲଟିଛି।

ଜଳବାୟୁ ପରିବର୍ତ୍ତନ, ତୀବ୍ର ସହରୀକରଣ ଓ ପରିବେଶ ଅବକ୍ଷୟ ଯୋଗୁଁ ବିଶ୍ୱରେ ସୃଷ୍ଟି ହେଉଥିବା ଆପଦକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଉତ୍ତମ ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟର ଆବଶ୍ୟକତା ରହିଛି। ପୁରୀରେ ଆୟୋଜିତ ଏହି ସମ୍ମିଳନୀ ବିଶ୍ୱ ବିପର୍ଯ୍ୟୟ ପରିଚାଳନା ନୀତି ଓ ଢାଞ୍ଚାକୁ ନୂତନ ଦିଗ ଦେଖାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବୈଠକରେ ସାମଗ୍ରୀକ ବିପର୍ଯ୍ୟୟ ବିପଦ ହ୍ରାସ ପରିଚାଳନା ପାଇଁ ଅର୍ଥବ୍ୟବସ୍ଥା, ବହୁମୁଖୀ ପ୍ରାକ୍ ସତର୍କତା ବ୍ୟବସ୍ଥା, ସ୍ଥିର ଭିତ୍ତିଭୂମି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯିବ। ବ୍ରିକ୍ସ ସଦସ୍ୟ ଦେଶ ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ୍, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ବୈଠକରେ ଯୋଗଦେଇ ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ବିଭିନ୍ନ ଆହ୍ୱାନର ସମାଧାନ ଦିଗରେ ମତବିନିମୟ କରୁଛନ୍ତି।

CTC/BBSR

## ଉପକୂଳ ସୁରକ୍ଷା ସମ୍ମିଳନୀ

ଭୁବନେଶ୍ୱର ପୁଲିସ ଭବନଠାରେ ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ **'ଉପକୂଳ**

**ସୁରକ୍ଷା ବ୍ୟବସ୍ଥା : ସମସ୍ୟା ସମାଧାନ ଓ ଆଗାମୀ ପଦକ୍ଷେପ’** ଶୀର୍ଷକ ଉପରେ ଆଲୋଚନା କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଯୋଗଦେଇ କହିଛନ୍ତି, ଉପକୂଳ ସୁରକ୍ଷା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ରାଜ୍ୟର ଅର୍ଥନୈତିକ ବିକାଶ, ସାମୁଦ୍ରିକ ବାଣିଜ୍ୟ ଓ ଜନସୁରକ୍ଷା ସହିତ ଏହା ନିବିଡ଼ ଭାବେ ଜଡ଼ିତ । ଭୁବନେଶ୍ୱରରେ ଅବସ୍ଥାପିତ କମାଣ୍ଡ, କଣ୍ଟ୍ରୋଲ ଏବଂ ଟ୍ରେନିଙ୍ଗ ସେଣ୍ଟର ଉପକୂଳ ସୁରକ୍ଷା କାର୍ଯ୍ୟକଳାପର ସମନ୍ୱୟ ଓ ନିରୀକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆଗାମୀ ଦିନରେ ଓଡ଼ିଶାର ତଟସୁରକ୍ଷାକୁ ନେଇ ଆହୁରି କଡ଼ାକଡ଼ି ନିୟମ ପ୍ରଣୟନ କରାଯିବ । ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ତଟସୁରକ୍ଷା ବାହିନୀ ସଜାଗ ରହିଛନ୍ତି । ରାଜ୍ୟ ସରକାର ତଟସୁରକ୍ଷା ପାଇଁ ୧୫୦ କୋଟି ଟଙ୍କା ପ୍ରଦାନ କରିଥିବା ନେଇ ଶ୍ରୀ ଖୁରନିଆ କହିଛନ୍ତି ।

**- V/O -**

ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସୁରକ୍ଷା ଓ ପ୍ରଶାସନିକ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଆସନ୍ତା ୨୪ ତାରିଖରେ ଜାତୀୟସ୍ତରୀୟ ତଟସୁରକ୍ଷା ନେଇ ଏକ ବୃହତ ସମ୍ମିଳନୀର ଆୟୋଜନ କରାଯାଇଛି । ଏଥିରେ ଦେଶର ସମସ୍ତ ତଟବର୍ତ୍ତୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଂଶଗ୍ରହଣ କରିବେ ।

Desk

## ବିଜେପି ସରକାରଙ୍କୁ ଦୁଇ ବର୍ଷ ପୂର୍ତ୍ତି

ରାଜ୍ୟରେ ବିଜେପି ସରକାରର ଗଠନ ନିଷ୍ପତ୍ତିକୁ ଆଜି ଦୁଇ ବର୍ଷ ପୂରଣ ହୋଇଛି। ଜୁନ୍ ମାସ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଦୁଇ ବର୍ଷ ପୂର୍ବେ ଆଜିର ଦିନରେ ଭାରତୀୟ ଜନତା ପାର୍ଟିକୁ ଏକ ଐତିହାସକ ଓ ସ୍ୱଷ୍ଟ ଜନମତ ପ୍ରଦାନ କରି ଓଡ଼ିଶାବାସୀ ପରିବର୍ତ୍ତନର ସଂକଳ୍ପ ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ଆଦର୍ଶରେ ଅନୁପ୍ରାଣିତ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଶାସନିକ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଜନକଲ୍ୟାଣକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ସରକାର ପ୍ରତ୍ୟେକ ଶ୍ରେଣୀର ନାଗରିକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ ସମସ୍ତ ରାଜ୍ୟବାସୀଙ୍କୁ ସାମିଲ ହେବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

Desk

## ଆଇ.ଜି.ଆଇ.ଟି. ବିଶ୍ୱବିଦ୍ୟାଳୟ ମାନ୍ୟତା

ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି– ଆଇ.ଜି.ଆଇ.ଟି. ସରାଙ୍ଗକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ବଜେଟ୍-୨୦୨୬-୨୭ରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱରର ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ଆଇ.ଜି.ଆଇ.ଟି. ସରାଙ୍ଗକୁ ସମ୍ମାନ ଭାବେ ଉନ୍ନତ କରାଗଲେ ଏହା ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ଗବେଷଣା ଓ ଉଦ୍ଭାବନାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ୧୯୮୨ ମସିହାରେ ଆଇ.ଜି.ଆଇ.ଟି. ସରାଙ୍ଗ' ୟୁ.ଜି.ସି. ଦ୍ୱାରା ସ୍ୱୟଂଶାସିତ ଏବଂ ଏ.ଆଇ.ସି.ଟି.ଇ. ଓ ଏନ୍.ବି.ଏ. ଦ୍ୱାରା ସ୍ୱୀକୃତି ଲାଭ କରିଛି।

Desk

## ଲେଖକଙ୍କ ପରଲୋକ

ସରସ୍ୱତୀ ସମ୍ମାନ ପ୍ରାପ୍ତ ବିଶିଷ୍ଟ କବି, କଥାକାର ଓ ଚିତ୍ରକର ଜଗନ୍ନାଥ ପ୍ରସାଦ ଦାସଙ୍କ ଆଜି ୯୧ ବର୍ଷ ବୟସରେ ପରଲୋକ ଘଟିଛି। ଜଣେ ପ୍ରସିଦ୍ଧ ଆଧୁନିକ ଓଡ଼ିଆ ଲେଖକ ଭାବେ ସେ ଦେଶ ବିଦେଶରେ ସ୍ୱନାମ ଅର୍ଜନ କରିଥିଲେ। ଭାରତୀୟ ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ଶ୍ରୀ ଦାସ ସାହିତ୍ୟ ସାଧନାରେ ନିଜକୁ ବ୍ରତୀ ରଖିଥିଲେ। ତାଙ୍କର କାଳଜୟୀ ରଚନା ମଧ୍ୟରେ ପରିକ୍ରମା, ପ୍ରଥମ ପୁରୁଷ, 'ଦେଶ, କାଳ,

ପାତ୍ର’, ସୂର୍ଯ୍ୟାସ୍ତ ପୂର୍ବରୁ ପୁସ୍ତକ, ବେଶ ଲୋକପ୍ରିୟ। ସାହିତ୍ୟ କୃତି ପାଇଁ ଶ୍ରୀ ଦାସ’ ସରସ୍ୱତୀ ସମ୍ମାନ, ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ଅନ୍ୟାନ୍ୟ ପୁରସ୍କାର ଲାଭ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତଃ ଦାଶଙ୍କର  ପରଲୋକରେ ଶୋକ ପ୍ରକାଶ କରି କହିଛନ୍ତି, ସାହିତ୍ୟ ସାଧନା ସହ ପ୍ରଶାସନିକ ସେବା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ସେବା ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ।

Gajapati

## ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା

ଗଜପତି ଜିଲ୍ଲା କାଶୀନଗରସ୍ଥିତ ବିଜ୍ଞପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସହରାଞ୍ଚଳ ଉଠାଦୋକାନୀଙ୍କ ଅର୍ଥନୀତିରେ ସୁଧାର ଆଣିବା ପାଇଁ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ କେ.ଦିବ୍ୟରଞ୍ଜନ ବିକ୍ରେତାମାନଙ୍କୁ ବିନା ବନ୍ଧକରେ ଋଣ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ଯୋଜନା ମାଧ୍ୟମରେ କ୍ଷୁଦ୍ର ବ୍ୟବସାୟୀମାନେ ସ୍ୱାବଲମ୍ବୀ ହେବା ସହିତ ନିଜର ଆୟ ବୃଦ୍ଧି କରିପାରିବେ ବୋଲି ଶ୍ରୀ ଦିବ୍ୟରଞ୍ଜନ କହିଛନ୍ତି।

BHK

## ସମଗ୍ର ଶିକ୍ଷା ଯୋଜନା

ଭଦ୍ରକ ଜିଲ୍ଲା ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ସମ୍ପର୍କିତ ସାମାଜିକ ଜନଶୁଣାଣି ସମୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଗୁଣାତ୍ମକ ଶିକ୍ଷାର ମାନ ବଜାୟ ରଖାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବ୍ଲକର ୭୦ଟି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

Malkangiri

## ଗ୍ରୀଷ୍ମକାଳୀନ ଶିବିର

ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଜଗନ୍ନାଥ ପଲ୍ଲୀ ଉଚ୍ଚବିଦ୍ୟାଳୟ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଚାଲିଥିବା ୨୦ ଦିନିଆ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିରର ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ପାଠପଢ଼ା ଓ ଆଗାମୀ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ।

Malkangiri

## ଏସ୍.ଆଇ.ଆର୍

ମାଲକାନଗିରି ଜିଲ୍ଲାରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର ସମ୍ପର୍କିତ ସଚେତନତା ରଥକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ ଓ ସ୍ୱଚ୍ଛ ନିର୍ବାଚନ

ପ୍ରକ୍ରିୟା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

Desk

# କବାଡି ପ୍ରତିଯୋଗିତା

ସମ୍ବଲପୁରଠାରେ ଆଜିଠାରୁ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଆରମ୍ଭ ହେଉଛି । ଏଥିରେ ଦେଶର ୧୦ଟି ଦଳ ଭାଗ ନେବେ ବୋଲି ଆୟୋଜକ କମିଟି ସଭାପତି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଆସନ୍ତା ୬ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଯୋଗିତା ଦେଖିବାର କାର୍ଯ୍ୟସୂଚୀ ରହିଛି ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଜି କେରଳମ୍ ସ୍ପର୍ଶ କରିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ  ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଛି । ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ମୌସୁମୀ ବାୟୁ ତିନିଦିନ ବିଳମ୍ବରେ କେରଳମ୍ ସ୍ପର୍ଶ କରିଛି। ଅପରପକ୍ଷରେ ରାଜ୍ୟରେ କାଳବୈଶାଖୀଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ତେବେ ଗରମ ଓ ଗୁଳଗୁଳି ଜାରି ରହିଛି ।